# ଓଡ଼ିଶା ସରକାର
# କୃଷି ଓ କୃଷକ ସଶକ୍ତୀକରଣ ବିଭାଗ

ସଂଖ୍ୟା - ଏଜି. ଏବି.୨୦/୨୦୨୦- ୧୧୨୦୭/ ଏଜି .ଏଫ .ଇ  ତା ୧୬.୦୭.୨୦୨୦ ରିଖ

## ବିଜ୍ଞପ୍ତି

**ବିଷୟ :** 'ମିଳିତ ଦେୟ ଗୋଷ୍ଠୀ / ଭାଗଚାଷୀ ଙ୍କୁ ଅର୍ଥ ଯୋଗାଇଦେବା ସମ୍ବନ୍ଧୀୟ ଯୋଜନା-

**ବଳରାମ- "ଭୂମିହୀନ କୃଷିଜୀବିଙ୍କୁ ଋଣ ଦ୍ୱାରା ସମ୍ବଳ ବୃଦ୍ଧିର ଆଦର୍ଶିକା "**

(BALARAM "Bhoomihina Agriculturist Loan And Resources Augmentation Model")

ଭାଗଚାଷୀଙ୍କୁ ସହଜ ଓ ସୁବିଧାରେ ଋଣ ଯୋଗାଇ ଦେବା ନିମନ୍ତେ ନାବାର୍ଡ (ରାଷ୍ଟ୍ରୀୟ କୃଷି ଏବଂ ଗ୍ରାମୀଣ ବିକାଶ ବ୍ୟାଙ୍କ) ସହାୟତାରେ 'ବଳରାମ' ନାମକ ଏକ ଯୋଜନା ପ୍ରସ୍ତୁତ କରାଯାଇଛି । ଏହି ଯୋଜନାରେ ଓଡିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଆତ୍ମା ଭିତ୍ତିଭୂମି ଉପଯୋଗ କରାଯାଇ ୫ଲକ୍ଷ ଭାଗଚାଷୀଙ୍କୁ ନେଇ ୧ ଲକ୍ଷ 'ମିଳିତ ଦେୟ ଗୋଷ୍ଠୀ' (ଜେ.ଏଲ.ଜି) ଗଠନ କରିବାର ଲକ୍ଷ୍ୟ ରଖାଯାଇଛି ।

### ଉପକ୍ରମ :

ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ହୋଇଥିବାରୁ ଏହାର ଗ୍ରାମାଞ୍ଚଳର ପ୍ରାୟ ୬୨% ଶ୍ରମଶକ୍ତି କୃଷି ଓ ଆନୁସଂଗିକ କାର୍ଯ୍ୟରେ ନିୟୋଜିତ ହୋଇଥାନ୍ତି । ଯଦିଓ ୨୦୧୯-୨୦ ମସିହାରେ ରାଜ୍ୟର ସମୁଦାୟ ଉତ୍ପାଦରେ କୃଷିର ମୂଲ୍ୟ ଯୋଗ (Gross Value Added) ହେଉଛି ୧୯.୯% , ଏବେବି ରାଜ୍ୟର ଅଧିକାଂଶ ଲୋକଙ୍କ ପାଇଁ କୃଷି କ୍ଷେତ୍ର ମୁଖ୍ୟ ଉତ୍ସ ହୋଇ ରହିଛି । ବର୍ତ୍ତମାନ ର କୋଭିଡ-୧୯ ମହାମାରୀ ସଂକ୍ରମଣ ପରିପ୍ରେକ୍ଷୀରେ ରାଜ୍ୟର ଅର୍ଥନୀତି ଏକ ସଙ୍କଟମୟ ପରିସ୍ଥିତିରେ ଗତି କରୁଛି । ରାଜ୍ୟ ର ଏହି ଦୁଃସ୍ଥିତି ରେ ବଳରାମ ଯୋଜନା କୃଷି କ୍ଷେତ୍ରରେ ଥିବା ଯଥେଷ୍ଟ ଆୟ ସମ୍ଭାବନାକୁ ହାସଲ କରି ରାଜ୍ୟର ଅର୍ଥନୀତି କୁ ଏକ ନୂତନ ଦିଗ ଦେଇପାରିବ । ସାମ୍ପ୍ରତିକ ମହାମାରୀର ପ୍ରଭାବରେ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଫେରି ଆସିଥିବା ପ୍ରବାସୀ ଶ୍ରମିକ ମାନଙ୍କୁ କୃଷି ଓ ଆନୁସଂଗିକ କ୍ଷେତ୍ରରେ ବିକଳ୍ପ ଜୀବିକା ଏବଂ ଜୀବନ ଧାରଣର ମାନ ଯୋଗାଇ ଦେବାରେ ବଳରାମ ଯୋଜନା ଉତ୍ତମ ସୁଯୋଗ ପ୍ରଦାନ କରିବ । ଏତଦବ୍ୟତୀତ ରାଜ୍ୟର ଭାଗଚାଷୀମାନଙ୍କୁ ସଶକ୍ତ କରିବା ଏବଂ ସେମାନଙ୍କୁ ଆନୁଷ୍ଠାନିକ ସଂସ୍ଥାରୁ କୃଷି ଋଣ ଯୋଗାଇ ଦେବା ନିତାନ୍ତ ଆବଶ୍ୟକ । ଯଦ୍ଵାରା ଭାଗଚାଷୀମାନେ ଆଉ ଚଢା ସୁଧରେ ଋଣ ଦେଉଥିବା ଘରୋଇ ଋଣଦାତା ଓ ଅନ୍ୟ ଅଣଆନୁଷ୍ଠାନିକ ଉତ୍ସ ଉପରେ ନିର୍ଭର କରିବେ ନାହିଁ ।

### ପୃଷ୍ଠଭୂମି :

ସାଧାରଣତଃ ଭାଗଚାଷୀମାନଙ୍କ ମଧ୍ୟରେ ଥିବା ଭୂମିହୀନ ବା ନାମମାତ୍ର ଚାଷୀ ମାନେ ଅନେକ ସରକାରୀ ସୁବିଧା ବା ସହାୟତା ପାଇ ପାରିନଥାନ୍ତି । ରାଜ୍ୟର ପ୍ରଚଳିତ ଧାରାରେ ମିଳିତ ଦେୟ ଗୋଷ୍ଠୀ ଯାହା ଏକ କୃଷକ ଗୋଷ୍ଠୀ (ସର୍ବନିମ୍ନ ୫ ଜଣ) (Joint Liability Groups) ଗଠନ କରି ସେମାନଙ୍କୁ ଋଣ ପ୍ରଦାନ କରିବାର ଚିନ୍ତନ ଏବେବି

ରହିଛି ଏବଂ ଏଥିପାଇଁ ବିଭିନ୍ନ ସମୟରେ ବିଭିନ୍ନ ଆଦର୍ଶିକା କୁ ବିଚାର ମଧ୍ୟ କରାଯାଇଛି । ଓଡ଼ିଶା ସରକାରଙ୍କ ନୂତନ କୃଷିନୀତି- ୨୦୨୦ 'ସମୃଦ୍ଧି' ର କାର୍ଯ୍ୟଧାରାରେ ଏହିଭଳି ନୂତନ ଆଦର୍ଶିକା କୁ ପ୍ରୋତ୍ସାହନ ଦେଇ ଏହା ମାଧ୍ୟମରେ ଭାଗଚାଷୀମାନଙ୍କ ପାଇଁ ଆନୁଷ୍ଠାନିକ ଋଣ ବ୍ୟବସ୍ଥାକୁ ସୁଗମ କରିବା ଏକ ଗୁରୁତ୍ୱପୂର୍ଣ ମାପକାଠି । 5T କାର୍ଯ୍ୟକ୍ରମ ପ୍ରୋତ୍ସାହନରେ ୫ ବର୍ଷ ଅବଧି ମଧ୍ୟରେ ୫ ଲକ୍ଷ ଭାଗ ଚାଷୀଙ୍କୁ ଋଣ ପ୍ରଦାନ ନିମନ୍ତେ ଏକ କାର୍ଯ୍ୟ ଗୋଷ୍ଠୀ (Task Team) ଗଠନ କରାଯାଇଛି I ଏହିସବୁକୁ ଦୃଷ୍ଟିରେ ରଖି ଭାଗଚାଷୀମାନଙ୍କ ସୁବିଧା ପାଇଁ ବଳରାମ ଯୋଜନା ପ୍ରସ୍ତୁତ କରାଯାଇଛି ।

## ଭାଗଚାଷୀ ସମ୍ବନ୍ଧୀୟ ତଥ୍ୟାବଳୀ :

କୃଷି ଗଣନା ୨୦୧୫-୧୬ ର ଆକଳନ ଅନୁଯାୟୀ ଓଡ଼ିଶାର ୪୮.୬୬ ଲକ୍ଷ କାର୍ଯ୍ୟକ୍ଷମ ଚାଷଜୋତ ରହିଛି I ଏଥିମଧ୍ୟରୁ ୯.୦୫ ଲକ୍ଷ ଚାଷଜୋତ ଭାଗଚାଷ ସ୍ଥିତିରେ ରହିଛି (୨.୮୩ ଲକ୍ଷ ସମ୍ପୂର୍ଣ ଭାଗଚାଷ ଓ ୬.୨୨ ଆଂଶିକ ଭାଗଚାଷ) I ସଂକ୍ଷେପରେ କହିଲେ ସମୁଦାୟ କାର୍ଯ୍ୟକ୍ଷମ ଚାଷଜୋତର ୧୮.୬% ଭାଗଚାଷ ସ୍ଥିତିରେ ରହିଛି I ଏହି ଭାଗଚାଷୀମାନଙ୍କ ମଧ୍ୟରୁ ୯୩.୨% ହେଉଛନ୍ତି କ୍ଷୁଦ୍ର ଓ ନାମମାତ୍ର ଚାଷୀ ।

## ମୁଖ୍ୟ ବୈଶିଷ୍ଟ୍ୟ

ବଳରାମ ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ କୃଷି ବୈଷୟିକ ପରିଚାଳନା ସଂସ୍ଥା (ଆତ୍ମା) ର ଉପଲବ୍ଧ ଭିତ୍ତିଭୂମିର ଉପଯୋଗ କରାଯାଇ ଭାଗଚାଷୀମାନଙ୍କୁ ଫସଲ ଋଣ ଯୋଗାଇ ଦିଆଯିବ I ଏହି ଯୋଜନାର ପ୍ରମୁଖ ଦିଗଗୁଡ଼ିକ ହେଲା:

୧. ମିଳିତ ଦେୟ ଗୋଷ୍ଠୀ' ପ୍ରକାରେ ଚାଷ କରୁଥିବା ଚାଷୀଙ୍କୁ ଫସଲ ଋଣ ଯୋଗାଇ ଦିଆଯିବ I

୨. ବ୍ୟାଙ୍କ ଦ୍ୱାରା ଗୋଷ୍ଠୀ ପ୍ରତି ସର୍ବାଧିକ ୧.୬୦ ଲକ୍ଷ ଟଙ୍କାର ଫସଲ ଋଣ (ଆର .ବି .ଆଇ ନିୟମ ଅନୁସାରେ) ଯୋଗାଇ ଦିଆଯିବ ।

୩. ଋଣ ପ୍ରଦାନରେ ଗୋଷ୍ଠୀର ଯୋଗ୍ୟତା ବ୍ୟକ୍ତିଗତ ଚାଷୀଙ୍କ ସିବିଲ (କ୍ରେଡିଟ ଇନଫରମେସନ ବ୍ୟୁରୋ ଅଫ ଇଣ୍ଡିଆ ଲିଃ.) ଗଣନା ଓ ବ୍ୟାଙ୍କ ନିୟମାବଳୀ ଉପରେ ନିର୍ଭର କରିଥାଏ ।

୪. କୃଷକ ସାଥିମାନେ ସ୍ଥାନୀୟ ଅଞ୍ଚଳର ଅଗ୍ରଣୀ କୃଷକ ହୋଇଥିବାରୁ ଏମାନେ 'ମିଳିତ ଦେୟ ଗୋଷ୍ଠୀ' ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିବେ ଏବଂ ସଭ୍ୟମାନେ ବ୍ୟାଙ୍କ କୁ ଲିଖିତ ପ୍ରମାଣ ଦେବାର ପ୍ରକ୍ରିୟାରେ ସହଯୋଗ କରିବେ ଓ ଫସଲ ଋଣ ପାଇଁ ବ୍ୟାଙ୍କ ସହିତ ସମ୍ପର୍କ ରଖିବେ ।

୫. କୃଷକ ସାଥି ନିଜ ଗ୍ରାମ ପଞ୍ଚାୟତରେ ଭାଗଚାଷୀ ମାନଙ୍କର ଚାଷ କାର୍ଯ୍ୟ ପାଇଁ ଆବଶ୍ୟକ ହେଉଥିବା ଋଣ ପରିମାଣ ଆକଳନ କରିବେ ଓ ସର୍ବନିମ୍ନ ୫ଜଣ ଚାଷୀଙ୍କୁ ନେଇ ଏଭଳି ଏକ ଗୋଷ୍ଠୀ ଗଠନ କରିବେ ।

୬. ଭୂମିହୀନ, କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ସମ୍ବନ୍ଧୀୟ ସୂଚନା ଉପଲବ୍ଧ ଡାଟାବେସ କୃଷକ ସାଥି ମାନଙ୍କୁ ଯୋଗାଇ ଦିଆଯିବ । ଫଳରେ ସେମାନେ ଉପଯୁକ୍ତ ହିତାଧିକାରୀ ଚିହ୍ନଟ କରିପାରିବେ ।

୭. ନାବାର୍ଡ ବିଭିନ୍ନ ସ୍ତରରେ ସମ୍ପୃକ୍ତ ଥିବା ଅଧିକାରୀମାନଙ୍କର ଦକ୍ଷତା ବୃଦ୍ଧି କରିବାରେ ସହାୟକ ହେବ ।

୮. ମିଳିତ ଦେୟ ଗୋଷ୍ଠୀଙ୍କୁ ଫସଲ ଋଣ ଯୋଗାଇ ଦେବାରେ ବ୍ୟାଙ୍କ ଗୁଡିକର ଧାର୍ଯ୍ୟ ଲକ୍ଷ୍ୟ ରହିବ ।

୯. କ୍ଷେତ୍ର ପରିଦର୍ଶନ କରି ନିର୍ଦ୍ଦିଷ୍ଟ ଫର୍ମ ରେ ଗ୍ରାମ୍ୟ କୃଷି କର୍ମଚାରୀ / କୃଷି ଅଧିଦର୍ଶକ ମାନେ ଭାଗଚାଷୀଙ୍କୁ ଚାଷ ପ୍ରମାଣ ପତ୍ର ପ୍ରଦାନ କରିବେ ।

୧୦. ଫସଲ ଅମଳ ପରେ ଓ ବଜାର କ୍ରୟ କେନ୍ଦ୍ର ରେ ଉତ୍ପାଦ ବିକ୍ରି ବେଳେ ଋଣ ଠିକ ସମୟରେ ପରିଶୋଧ କରିବା ପାଇଁ କୃଷକ ସାଥି ମାନେ ପରାମର୍ଶ ଦେବେ ।

୧୧. ପ୍ରଯୁକ୍ତିବିଦ୍ୟା ନିହିତ ଏକ ଉଦ୍ଦିଷ୍ଟ ପୋର୍ଟାଲ ର ବିକାଶ କରାଯିବ । ମୋବାଇଲ ଆପ ଓ ସୁଦୂର ସମ୍ବେଦନ ଜ୍ଞାନକୌଶଳ ମାଧମରେ ସମସ୍ତ ଭାଗିଦାର ଓ ଫସଲ ଅବସ୍ଥାର ପ୍ରକୃତ ସମୟ ଅନୁଯାୟୀ ଆକଳନ କରାଯିବ ।

୧୨. ନାବାର୍ଡ ତିନି ଥରରେ ପ୍ରତି କୃଷକ ସାଥୀଙ୍କୁ ମିଳିତ ଦେୟ ଗୋଷ୍ଠୀ ପ୍ରତି ମୋଟ ୨ହଜାର ଟଙ୍କା ପ୍ରଦାନ କରିବ । ଗୋଷ୍ଠୀ ଗଠନ ଓ ବ୍ୟାଙ୍କ ଦ୍ୱାରା ଋଣ ପ୍ରଦାନ ପରେ ୧ହଜାର ଟଙ୍କା, ଗୋଷ୍ଠୀ ଦ୍ୱାରା ଋଣ ପ୍ରଦାନ ବେଳେ ୫୦୦ଟଙ୍କା ଓ ଶେଷରେ ପୁନଃ ଋଣ ପ୍ରଦାନ ବେଳେ ୫୦୦ଟଙ୍କା ପ୍ରଦାନ କରାଯିବ ।

୧୩. କୃଷି ସମ୍ପ୍ରସାରଣ ପରିଚାଳନା ପ୍ରତିଷ୍ଠାନ (ଇମେଜ) କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ପାଇଁ ରାଜ୍ୟ ପ୍ରମୁଖ ସଂସ୍ଥା ଭାବେ କାର୍ଯ୍ୟ କରିବ ।

୧୪. କାର୍ଯ୍ୟକ୍ରମ ସଂଶୋଧନ ନିମନ୍ତେ କାର୍ଯ୍ୟକ୍ରମର ମଧବର୍ତ୍ତୀକାଳୀନ ମୂଲ୍ୟାୟନ କରାଯିବ ।

ଯୋଜନାର ଉତ୍ତମ କାର୍ଯ୍ୟକାରିତା ନିମନ୍ତେ ବିଶଦ କାର୍ଯ୍ୟକାରୀ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଉଛି ।

**ରାଜ୍ୟପାଳଙ୍କ ଆଦେଶ କ୍ରମେ**

ସୌରଭ ଗର୍ଗ

**ପ୍ରମୁଖ ଶାସନ ସଚିବ**